# ତହସିଲଦାରଙ୍କ କାର୍ଯ୍ୟାଳୟ, କନିଷି , ଗଞ୍ଜାମ

ବିଜ୍ଞପ୍ତି ସଂଖ୍ୟା:- 5307 / ସୈରାତ                    ତାରିଖ :- ୩୦ .୧୦.୨୦୨୧

## ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ନିଲାମ ନିମନ୍ତେ ବିଜ୍ଞାପନ

**[ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ-୨୦୧୬ ଅନୁଯାୟୀ]**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଗଞ୍ଜାମ ଜିଲ୍ଲା କନିଷି ତହସିଲ ଅନ୍ତର୍ଗତ ନିମ୍ନସ୍ଥ ସାରଣୀ ରେ ପ୍ରଦତ୍ତ ତିନି (୩ ) ଗୋଟି ଲଘୁ ଖଣିଜ ଦ୍ରବ୍ୟ ସୈରାତ ଉତ୍ସକୁ ପାଞ୍ଚ (୫) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ ସୂତ୍ରେ ନେବା ପାଇଁ ଜଉମୁଦ ଦିଆ ଟେଣ୍ଡର ମାଧ୍ୟମରେ ସର୍ବସାଧାରଣରେ ନିଲାମ କରାଯିବ । ଇଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଆବେଦନର ବିବରଣୀ ଓ ନିୟମାବଳୀ ଗଞ୍ଜାମ ଜିଲ୍ଲା ୱେବସାଇଟ www.ganjam.nic.in ରେ ଉପଲବ୍ଧ ଅଛି । ଆବେଦନ ପାଇଁ ଇଛୁକ ବ୍ୟକ୍ତି କନିଷି ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରିବେ ।

ଦରଖାସ୍ତକାରୀ ଜଉମୁଦ ଲଫାଫାରେ ରେଜିଷ୍ଟ୍ରି / ସ୍ପୀଡ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର କନିଷି କାର୍ଯ୍ୟାଳୟ ପ୍ରାଙ୍ଗଣରେ ଥିବା ଟେଣ୍ଡର ବାକ୍ସ ରେ ପକାଇ ପାରିବେ । ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା- **୦୫ .୧୧ .୨୦୨୧** ରିଖ ଠାରୁ ତା- **୦୪ .୧୨ .୨୦୨୧** ରିଖ ଅପରାହ୍ନ ୦୫.୩୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ଧାର୍ଯ୍ୟ ସମୟ ଗତେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ।

ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧି ମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା **୦୭.୧୨ .୨୦୨୧** ରିଖ ଦିବା ୧୧.୦୦ ଘଣ୍ଟା ସମୟ ରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୟନ ପ୍ରକ୍ରିୟା ଚୂଡାନ୍ତ କରାଯିବ । କୌଣସି କାରଣ ରୁ ନିଲାମ ଚୟନ ପ୍ରକ୍ରିୟା ଚୂଡାନ୍ତ ନ ହୋଇ ପାରିଲେ ଦ୍ଵିତୀୟ ତା :-**୧୫.୧୨ .୨୦୨୧** ରିଖ ଏବଂ ଦ୍ଵିତୀୟ ତାରିଖରେ ନ ହୋଇ ପାରିଲେ ତୃତୀୟ ତା :-**୨୪ .୧୨ .୨୦୨୧** ରିଖ ରେ ଚୟନ ପ୍ରକ୍ରିୟା ଚୂଡାନ୍ତ କରାଯିବ । କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ ଏବଂ ଜିଲ୍ଲାପାଳ , ଗଞ୍ଜାମଙ୍କର କ୍ଷମତା ପରିସର ଭୁକ୍ତ ଅଟେ ।

**ସଇରାତ ଉତ୍ସର ବିବରଣୀ**

| କ୍ର. ସଂ | ସଇରାତ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା ଏକରରେ | କିସମ | ଧାର୍ଯ୍ୟ ରୋୟାଲିଟିର ମୂଲ୍ୟ (ପ୍ରତି ଘନ ମି. ) (ଟଙ୍କାରେ) | ଅତିରିକ୍ତ ଦେୟ (ପ୍ରତି ଘନମି.) (ଟଙ୍କାରେ) | ମୋଟ ଦେୟ (ପ୍ରତି ଘନମି.) (ଟଙ୍କାରେ) | M. G .Q ଅନୁସାରେ ବାର୍ଷିକ **ସୈରାତର ପରିମାଣ** (ଘନମି.) * | ଅଗ୍ରୀମ ଦାଖଲ କରିବା ଅମାନତ ରାଶିର ପରିମାଣ (ଟଙ୍କାରେ) | ୫% ଅମାନତ ରାଶି ବାବଦକୁ ଦେୟ (ଟଙ୍କାରେ) |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | ନାରାୟଣପୁର ପଥର ଉତ୍ସ | ନାରାୟଣପୁର | ୪୨୪ | ୧୩୧ | ୧୧.୭୪୩ | ପର୍ବତ | ୧୩୦ | ୧୦୦ | ୨୩୦ | ୧୭୫୦୦ * | ୧୦୦୦ | ୨୦୧୨୫୦ |
| ୨ | ନାରାୟଣପୁର ପଥର ଉତ୍ସ | ନାରାୟଣପୁର | ୪୨୪ | ୧୫୪ /p | ୧୦ .୪୩ | ପର୍ବତ | ୧୩୦ | ୧୦୦ | ୨୩୦ | ୮୦୦୦ * | ୧୦୦୦ | ୯୨୦୦୦ |
| ୩ | ନାରାୟଣପୁର ପଥର ଉତ୍ସ | ନାରାୟଣପୁର | ୪୨୪ | ୧୫୪ /p | ୧୨.୦୦ | ପର୍ବତ | ୧୩୦ | ୧୦୦ | ୨୩୦ | ୧୦୦୦୦ * | ୧୦୦୦ | ୧୧୫୦୦୦ |

ବି. ଦ୍ର :-ତାରକା ଚିହ୍ନିତ ସଂଖ୍ୟା ଗୁଡିକ ଆବଶ୍ୟକ ସ୍ଥଳେ ପରିବର୍ତ୍ତନ/ବୃଦ୍ଧି କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଛି ।

Dawl, ୩୦.୧୦.୨୧

TAHASILDAR
KONISI, GANJAM

ପ୍ରକାଶ ଥାଉ କି ଲିଜ ରେ ଅଂଶ ଗ୍ରହଣ କରିବାକୁ ଇଛୁକ ବ୍ୟକ୍ତିବିଶେଷ ସୈରାତ ଉତ୍ସ ଗୁଡିକୁ ପରିଦର୍ଶନ କରି ଏହାର ପରିଚାଳନା ପାଇଁ ଗମନ ଗମନ ସୁବିଧା , ଗଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରିବା ପରେ ଆବେଦନ କରିବା ବାଞ୍ଛନୀୟ। ଲିଜ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଇଛୁକ ବ୍ୟକ୍ତି ବିଶେଷ OMMC Rule -2016 ଏବଂ ଏହାର Amendments Rule ମୁତାବକ ନିମ୍ନ ଲିଖିତ ଆବଶ୍ୟକୀୟ କାଗଜାତ ଜଉମୁଦ ଲଫାଫାରେ ରେଜିଷ୍ଟ୍ରି / ସ୍ପୀଡ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର କନିଶି କାର୍ଯ୍ୟାଳୟ ପ୍ରାଙ୍ଗଣରେ ଥିବା ଟେଣ୍ଡର ବାକ୍ସ ରେ ପକାଇ ପାରିବେ ।

୧. ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ-୨୦୧୬ ଅନ୍ତର୍ଗତ ନିର୍ଭୁଲ ଭାବରେ ପୂରଣ ହୋଇଥିବା ଏବଂ ଦରଖାସ୍ତକାରୀଙ୍କ ଦ୍ୱାରା ଦସ୍ତଖତ କରାଯାଇଥିବା ତିନିକିତା Form-M (3 copies } ଦାଖଲ କରିବେ I

୨. ଦରଖାସ୍ତ ଫିଜ ବାବଦକୁ ଟ. ୧୦୦୦ ଙ୍କା ର ଟ୍ରେଜେରୀ ଚାଲାଣ (Head Of Account- 0853 Non-Ferrous Mining & Metallurgical Industries-102 –Mineral Concession Fees Rent of Royalties) ଦାଖଲ କରିବେ I ଏବଂ ଏହି ଦରଖାସ୍ତ ଫିଜ ଫେରସ୍ତ କରାଯିବ ନାହିଁ।

୩. ଉତ୍ସର ନାମ ତଫସିଲ ଏବଂ ସରହଦର ବିବରଣୀ ସଂଲଗ୍ନ କରିବା ହେବେ I

୪. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ଏବଂ ରାଜସ୍ୱ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ I

୫. ଦରଖାସ୍ତକାରୀ ୧୮ ମାସର ଅବଧି ଥାଇ ଏକ Solvency Certificate କିମ୍ବା Bank Guarantee ଦାଖଲ କରିବେ । ଯାହାର ସର୍ବନିମ୍ନ ମୂଲ୍ୟ ସଇରାତ ଉତ୍ସର ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ( Minimum Guaranteed Quantity) X ( Royalty + Additional Charges fixed by Collector,Ganjam + Additional Charges Offered by the Participants) ହେବା ଆବଶ୍ୟକ । Annexure -1 କ୍ରମାନୁସାରେ ସୈରାତ ଉତ୍ସଗୁଡିକୁ ନିଲାମ କରାଯିବ । ଦରଖାସ୍ତକାରୀ ଆବେଦନ କରିଥିବା ନିଲାମ ମୂଲ୍ୟ ଅନୁଯାୟୀ ଉପରୋକ୍ତ ହିସାବ ଅନୁସାରେ Solvency Certificate କିମ୍ବା Bank Guarantee ମୂଲ୍ୟ କୁ ଗ୍ରହଣ କରାଯିବ । ଯଦି ଦରଖାସ୍ତକାରୀ ଏକାଧିକ ସଇରାତ ଉତ୍ସ ନିମନ୍ତେ ଆବେଦନ କରିଥାଆନ୍ତି ତେବେ, ଉପରୋକ୍ତ କ୍ରମ ଅନୁଯାୟୀ Solvency Certificate କିମ୍ବା Bank Guarantee ମୂଲ୍ୟ କୁ ଗ୍ରହଣ କରାଯିବ ।

୬. ଦରଖାସ୍ତକାରୀ ଆବେଦନ କରୁଥିବା ସଇରାତ ଉତ୍ସର EMD ( Earnest Money Deposit ) ବ୍ୟାଙ୍କ ଡ୍ରାଫ୍ଟ ହିସାବରେ ଜମା କରିବେ ଯାହାର ପରିମାଣ ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ( Minimum Guaranteed Quantity) X ( Royalty + Additional Charges More than Rs 100/- ର ଶତକଡା ୫% ରହିବ । ଉକ୍ତ ବ୍ୟାଙ୍କ ଡ୍ରାଫ୍ଟ Tahasildar, Konisi ଙ୍କ ନାମରେ କରିବା ବାଞ୍ଛନୀୟ । ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

୭. ଆବେଦନକାରୀ PAN CARD ର ନକଲ ଏବଂ ୨୦୧୮-୧୯ ଆର୍ଥିକ ବର୍ଷର ଆୟକର ଦାଖଲ ( Income Tax Return filling) ବିବରଣୀର ନକଲ ଦାଖଲ କରିବେ ।

୮. ଦରଖାସ୍ତକାରୀ କୌଣସି ସଇରାତ **ଉତ୍ସ** ନିମନ୍ତେ ଆବେଦନ କରିବା ପୂର୍ବରୁ ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ଏକ ସ୍ୱଘୋଷିତ ଲିଖିତନାମା ( Self Declaration) ଦାଖଲ କରିବେ ।

୯. ଦରଖାସ୍ତକାରୀ ସଇରାତ ଉତ୍ସର Mining Plan Preparation , E. C. Preparation & Sairat Adverttising Cost ର ସମସ୍ତ ଖର୍ଚ୍ଚ ବହନ କରିବା ନେଇ ଏକ ସତ୍ୟପାଠ ଦାଖଲ କରିବେ ।

୧୦. ଦରଖାସ୍ତକାରୀ ଦରଖାସ୍ତ ଲଫାଫା ର ଉପରି ଭାଗରେ ବଡ ଅକ୍ଷରରେ କେଉଁ **ସୈରାତ** ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କର ନାମ, ଠିକଣା ଓ ଫୋନ ନମ୍ବର ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ।

୧୧. ଆବେଦନକାରୀ ମାନେ ପ୍ରଥମ ଲଫାଫାରେ ସମ୍ପୂର୍ଣ୍ଣଭାବେ ପୂରଣ ହୋଇଥିବା Form-M ର ତିନିକିତା ନକଲ ଏବଂ EMD ବ୍ୟାଙ୍କ ଡ୍ରାଫ୍ଟଟିକୁ ରଖି ଲଫାଫାର ଉପରି ଭାଗରେ **"ଲଫାଫା ନଂ-୧"** ବୋଲି ଉଲ୍ଲେଖ କରିବେ ଏବଂ ଦ୍ୱିତୀୟ ଲଫାଫାରେ ଆବଶ୍ୟକୀୟ କାଗଜାତ ରଖି ଲଫାଫାର ଉପରି ଭାଗରେ **"ଲଫାଫା ନଂ-୨"** ବୋଲି ଉଲ୍ଲେଖ କରିବେ । ଶେଷରେ ଉକ୍ତ ଦୁଇଟି ଲଫାଫାକୁ ଏକ ବଡ ଲଫାଫାରେ ଭର୍ତ୍ତି କରି ରେଜିଷ୍ଟ୍ରି / ସ୍ପୀଡ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର କନିଶି କାର୍ଯ୍ୟାଳୟ ପ୍ରାଙ୍ଗଣରେ ଥିବା ଟେଣ୍ଡର ବାକ୍ସ ରେ ପକାଇ ପାରିବେ ।

୧୨ . ଆବଶ୍ୟକ ସ୍ଥଳେ ଯଦି **ସୈରାତ** ଉତ୍ସର ପରିବର୍ତ୍ତନ କରିବା ଆବଶ୍ୟକ ହୁଏ ତେବେ ଦରଖାସ୍ତକାରୀ **ସୈରାତ** ଉତ୍ସର Revised Mining Plan ର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ପାଇଁ ସତ୍ୟପାଠ ଦାଖଲ କରିବେ ।

୧୩. ଦରଖାସ୍ତକାରୀ ଆବେଦନ କରୁଥିବା **ସୈରାତ** ଉତ୍ସର ROR, Trace Mao, Land Schedule ନକଲ ସଂଲଗ୍ନ କରିବେ ।

୧୪. ଦରଖାସ୍ତକାରୀ ପ୍ରାଧୀକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ସ୍ଥାବର ସମ୍ପତ୍ତି ତାଲିକାର ପ୍ରମାଣପତ୍ର ସଂଲଗ୍ନ କରିବେ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତକାରୀ ଦରଖାସ୍ତଟିକୁ ଜଉମୁଦ ଲଫାଫାରେ Registered Post/ Speed Post ଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲଦାର କନିଶି କାର୍ଯ୍ୟାଳୟ ପ୍ରାଙ୍ଗଣରେ ଥିବା ଜଉମୁଦ ଦିଆ ଟେଣ୍ଡର ବାକ୍ସ ରେ ତା- **୦୫.୧୨ .୨୦୨୧** ରିଖ ଠାରୁ ତା-**୦୪.୧୨.୨୦୨୧** ରିଖ ଅପରାହ୍ନ ୦୫.୩୦ ଘଟିକା ସୁଦ୍ଧା ଯେ କୌଣସି ସରକାରୀ କାର୍ଯ୍ୟ ଦିବସ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ । ଧାର୍ଯ୍ୟ ସମୟ ଗତେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ।

ପ୍ରଥମ ଧାର୍ଯ୍ୟ ତା **୦୭.୧୨.୨୦୨୧** ରିଖ ଦିବା ୧୧.୦୦ ଘଣ୍ଟା ସମୟ ରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୟନ ପ୍ରକ୍ରିୟା ଚୁଡାନ୍ତ କରାଯିବ । ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଟେଣ୍ଡର ବାକ୍ସ ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ ଏବଂ OMMC Rules-2016 ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପୂରଣ କରୁଥିବା ଦରଖାସ୍ତଗୁଡିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ୍ଚ ଦର ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡିକୁ ବାତିଲ କରିଦିଆଯିବ ।

ଯଦି କୌଣସି ସୈରାତ ଉତ୍ସ ଉପରୋକ୍ତ ଦିବସରେ ନିଲାମ ନ ହୋଇ ପାରେ ତେବେ ତାହା ଦ୍ୱିତୀୟ ତା :-**୧୪.୧୨.୨୦୨୧** ରିଖ ଅପରାହ୍ନ ଘ ୦୫.୩୦ ମି ପର୍ଯ୍ୟନ୍ତ ପୁନର୍ବାର Registered Post/ Speed Post ଜରିଆରେ ଟେଣ୍ଡର ବାକ୍ସ ମାଧମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା **୧୫.୧୨.୨୦୨୧** ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଆବେଦନକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧି ମାନଙ୍କ ଉପସ୍ଥିତିରେ ଟେଣ୍ଡର ବାକ୍ସ ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ ଏବଂ OMMC Rules -2016 ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପୂରଣ କରୁଥିବା ଦରଖାସ୍ତଗୁଡିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ୍ଚ ଦର ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡିକୁ ବାତିଲ କରିଦିଆଯିବ ।

ସେହିପରି ଯଦି କୌଣସି ସୈରାତ ଉତ୍ସ ଉପରୋକ୍ତ ଦିବସରେ ନିଲାମ ନ ହୋଇ ପାରେ ତେବେ ତାହା ତୃତୀୟ ଥର ପାଇଁ ତା:-**୧୭.୧୨.୨୦୨୧** ରିଖ ଠାରୁ ତା:-**୨୩.୧୨.୨୦୨୧** ରିଖ ଅପରାହ୍ନ ଘ ୦୫.୩୦ ମି ପର୍ଯ୍ୟନ୍ତ ପୁନର୍ବାର Registered Post/ Speed Post ଜରିଆରେ ଟେଣ୍ଡର ବାକ୍ସ ମାଧମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା **୨୪.୧୨.୨୦୨୧** ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଆବେଦନକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧି ମାନଙ୍କ ଉପସ୍ଥିତିରେ ଟେଣ୍ଡର ବାକ୍ସ ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ ଏବଂ OMMC Rules -2016 ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପୂରଣ କରୁଥିବା ଦରଖାସ୍ତଗୁଡିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ୍ଚ ଦର ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡିକୁ ବାତିଲ କରିଦିଆଯିବ ।

ଠିକଣା :-

ତହସିଲଦାରଙ୍କ କାର୍ଯ୍ୟାଳୟ,
କନିଷି , ଜି:-ଗଞ୍ଜାମ, ପିନ କୋଡ - ୭୬୧୦୦୮.

ତହସିଲଦାର,କନିଷି
TAHASILDAR
KONISI, GANJAM

# ସର୍ତ୍ତାବଳୀ

୧. ଆବେଦନକାରୀ ମାନେ OMMC Rules 2016 ଏବଂ ଏହାର Amenmendments Rule ର ପରିସର ଭୁକ୍ତ ରହିବେ ।

୨. ଆବେଦନକାରୀ ଲିଜ ପାଇଁ ଉଦ୍ଦିଷ୍ଟ ନିଲାମ ରେ ଭାଗ ନେବା ପୂର୍ବରୁ ସୈରାତ ଉତ୍ସ ଗୁଡିକ ପରିଦର୍ଶନ କରି ସାଇରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଥିବା ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ ଉଦ୍ଦିଷ୍ଟ ନିଲାମରେ ଅଂଶ ଗ୍ରହଣ କରିବେ । ଲିଜ ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ଏବଂ ସେଇଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୩. ଲିଜ ଧାରୀ Mining Plan Preparation , E. C. Preparation & Sairat Adverttising Cost ର **ସମସ୍ତ** ଖର୍ଚ୍ଚ ବହନ କରିବେ ନଚେତ ଲିଜ ବାତିଲ କରାଯିବ । ସର୍ବୋଚ୍ଚ ନିଲାମଧାରୀ **ସୈରାତ ଉତ୍ସ** ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ ( Consent To Operate ) ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ( State Pollution Control Board ) ରୁ ନିଜ ଖର୍ଚ୍ଚ ରେ ପ୍ରାପ୍ତ କରିବେ ।

୪. ଆବେଦନ କାରୀ ପ୍ରାଧିକୃତ ଅଧିକାରୀ ( Competent Authority) ଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ଅତିରିକ୍ତ ଦେୟ ତଥା ରୟାଲୀଟୀ ମୂଲ୍ୟ ଠାରୁ କମ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀଯ ଦଲିଲ ନ ଥିବା ଦରଖାସ୍ତ କାରୀଙ୍କ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହୋଇଯିବ । ଆବେଦନ ପତ୍ରରେ ରୟାଲିଟି ଦର୍ଶାଇବା ପାଇଁ ଧାର୍ଯ୍ୟ ହୋଇଥିବା ସ୍ଥାନରେ ରୟାଲୀଟୀ ସହ ଅତିରିକ୍ତ ଦେୟ ପୃଥକ ପୃଥକ ଭାବରେ ଦର୍ଶାଇବେ ।

୫. ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ରୋୟାଲିଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ (Additional Charge) ଦର୍ଶାଇ ଥାନ୍ତି ତେବେ ଲଟେରୀ ମାଧମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

୬. ଯଦି କୌଣସି **ସୈରାତ ଉତ୍ସ ନିମନ୍ତେ** କେବଳ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ, ତେବେ ସେହି ଉତ୍ସ ପାଇଁ ନିଲାମ କରାଯିବ ନାହିଁ ।

୭. ଚୟନ କରାଯାଇଥିବା ନିଲାମଧାରୀଙ୍କୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ Form –F ମାଧମରେ ସଇରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ସର୍ତ୍ତାବଳୀ ଯୋଗାଇଦିଆଯିବ । ଏହି Form –F ପାଇବାର **୧୫** ଦିନ ମଧ୍ୟରେ ଚୟନ ହୋଇଥିବା ନିଲାମଧାରୀ ନିଲାମ ନେବା ନେଇ ସ୍ବୀକୃତି ପ୍ରଦାନ କରିବେ । **ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ** ( Minimum Guaranteed Quantity) X ( Royalty + Offered Additional Charges + District Mineral Fund ) ର ଏକ ଚତୁର୍ଥାଂଶ Earnest Money କୁ ବାଦ ଦେଇ ବଳକା ରାଶି ର ପରିମାଣ ଜମା କରିବେ । ଏବଂ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ସୁଧ ସହିତ ଅମାନତ ରାଶି ( Security Deposit) ଭାବରେ ରଖାଯିବ । ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେବ ପରେ ସ୍ଥିର କରାଯିବ । ଯଦି ମନୋନୀତ ବ୍ୟକ୍ତି **୧୫** ଦିନ ମଧ୍ୟରେ ଲିଖିତ ଆକାରରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପଇଠ ନକରନ୍ତି ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ଏବଂ ନିଲାମଧାରୀଙ୍କ Earnest Money କୁ ବାଜ୍ୟାପ୍ତ କରାଯିବ । ନିଲାମଧାରୀଙ୍କ ସ୍ବୀକୃତି ପରେ ନିଲାମ ପ୍ରକ୍ରିୟାରେ ଅଂଶ କରି ଅଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀଙ୍କ Earnest Moneyକୁ ଫେରସ୍ତ କରି ଦିଆଯିବ ।

୮. ନିଲାମ ପ୍ରକ୍ରିୟାର ଚୁଡାନ୍ତ ପରେ କ୍ଷମତାପ୍ରାପ୍ତ ଅଧିକାରୀ Mining Plan କୁ ସଂଶୋଧନ କରି ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ( Minimum Guaranteed Quantity) କୁ ବଦଳାଇପାରିବେ ।

୯. ନିଲାମ ଧାରୀ ସମସ୍ତ ଦେୟ ଜମା କରିବା ପରେ From- N ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାର ରେଜିଷ୍ଟ୍ରି ( Registration Act-1908 & Stamp Act 1890 & 1899 ) ଅନୁଯାୟୀ ସମ୍ପାଦନ କରିବେ ।

୧୦.. OMMC Rules -2016 ନିଯମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ସମସ୍ତ ଜମା ରାଶି ବ୍ୟାଜାପ୍ତି କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିବ ।

୧୧.. ଲିଜ ଧାରୀ ସୈରାତ ଉତ୍ସ ସମ୍ବନ୍ଧୀୟ ସମସ୍ତ ଦେୟ ଯଥା Royality, Additional Charge, Dead Rent, Surface Rent , EMF, DMF ଓ ଅନ୍ୟାନ୍ୟ ଦେୟର OMMC Rules -2016 ନିୟମାବଳୀ ଅନୁଯାୟୀ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ନିକଟରେ ପଇଠ କରିବେ ଏବଂ ସମସ୍ତ ଦେୟର ଶତକଡା ୨ ଭାଗ (2 %) ଆୟକର (TCS) ବାବଦକୁ ଜମା କରିବେ ।

୧୨. ଲିଜ ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ବାଡ଼ ଦେଇ ଚିହ୍ନଟ କରିବେ ଏବଂ ତାହା ସାମ୍ନାରେ ଫଳକ ( Display Board ) ଏବଂ ଆବଶ୍ୟକ ବ୍ୟବସ୍ଥା କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତ ଖର୍ଚ୍ଚ ଲିଜ ଧାରୀ ବହନ କରିବେ ।

୧୩. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେବା ପରେ କାର୍ଯ୍ୟାଦେଶ (Work Order) ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ (Work Order) ନ ପାଇବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସକୁ କାର୍ଯ୍ୟକ୍ଷମ କରିପାରିବେ ନାହିଁ ।

୧୪. ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ଅନ୍ୟାନ୍ୟ କାଗଜାତ କନିଶି ତହସିଲ କାର୍ଯ୍ୟାଳୟରେ ଛୁଟି ଦିନ ବାଦ ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ପାଇପାରିବେ । ଏହି ଇସ୍ତାହାରର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ ୱେବସାଇଟ www.ganjam.nic.in ରେ ଦେଖିପାରିବେ ।

୧୫. କ୍ଷମତାପ୍ରାପ୍ତ ଅଧିକାରୀ ଲିଜ ଅବଧି ମଧ୍ୟରେ ଯେ କୌଣସି ସମୟରେ ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ( Minimum Guaranteed Quantity) ଏବଂ ଅତିରିକ୍ତ ଦେୟ ( Additional Charges) କୁ ଆବଶ୍ୟକ ସ୍ଥଳେ ବୃଦ୍ଧି କରିପାରିବେ ।

୧୬. ଆବେଦନକାରୀ ଏବଂ ନିଲାମଧାରୀ ଓଡିଶା ଲଘୁ ଖଣିଜ ନିୟମ -୨୦୧୬ (OMMC Rules- 2016) ଏବଂ ତଦ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବା ପାଇଁ ବାଧ୍ୟ ହେବେ ।

୧୭. ଲିଜ ଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା କଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ଲଘୁ ଖଣିଜ ଉତ୍ତୋଳନ ଏବଂ ପରିବହନର ଟିକିନିଖି ବିବରଣୀ ମାସିକ ହିସାବରେ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

୧୮. ଯଦି ଉକ୍ତ ନିଲାମ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି ଏବଂ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ ବାତିଲ ବା ସ୍ଥଗିତ କରିପାରିବେ

୧୯. ଲିଜ ଅବଧି ମଧ୍ୟରେ ଲିଜଧାରୀ ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀର ଉଲ୍ଲଂଘନ କାଲେ ତାଙ୍କର ଲିଜ ରଦ୍ଦ କରିବା ସଙ୍ଗେ ସଙ୍ଗେ ଜମା ରାଶିକୁ ବାଜ୍ୟାପ୍ତି କରାଯିବ ।

୨୦. ଲିଜଧାରୀ Mines Act-1952 ଏବଂ Explosive Act-1984 ର ସମସ୍ତ ନିୟମ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

ପରିପତ୍ର ସଂଖ୍ୟା:- 5308 / ସୈରାତ ତାରିଖ :- 30 .୧୦.୨୦୨୧

ଏହାର ଏକାକିତା ନକଲ ଜିଲ୍ଲାପାଳ , ଗଞ୍ଜାମ , ଛତ୍ରପୁରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କନିଷି
TAHASILDAR
KONISI, GANJAM

ପରିପତ୍ର ସଂଖ୍ୟା:- 5309 / ସୈରାତ ତାରିଖ :- 30 .୧୦.୨୦୨୧

ଏହାର ଏକାକିତା ନକଲ ଉପଜିଲ୍ଲାପାଳ , ବ୍ରହ୍ମପୁରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କନିଷି
TAHASILDAR
KONISI, GANJAM

ପରିପତ୍ର ସଂଖ୍ୟା:- 5310 / ସୈରାତ ତାରିଖ :- 30 .୧୦.୨୦୨୧

ଏହାର ଏକାକିତା ନକଲ DIO , NIC , ଗଞ୍ଜାମ , ଛତ୍ରପୁରଙ୍କ ସଦୟ ଅବଗତି ନିମନ୍ତେ ତଥା ଗଞ୍ଜାମ ଜିଲ୍ଲା website ରେ ଉପଲବ୍ଧ କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କନିଷି
TAHASILDAR
KONISI, GANJAM

ପରିପତ୍ର ସଂଖ୍ୟା:- 5311 / ସୈରାତ ତାରିଖ :- 30 .୧୦.୨୦୨୧

ଏହାର ଏକାକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ , ଗଞ୍ଜାମ ଛତ୍ରପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କନିଷି
TAHASILDAR
KONISI, GANJAM

ପରିପତ୍ର ସଂଖ୍ୟା:- 5312 / ସୈରାତ ତାରିଖ :- 30 .୧୦.୨୦୨୧

ଏହାର ଏକାକିତା ନକଲ ଭାରପ୍ରାପ୍ତ ଅଧିକାରୀ , ଗୋଲନ୍ଥରା / ଗୋପାଳପୁର/ବ୍ରହ୍ମପୁର ସଦର / ଗୋସାଣିନୁଆଗାଁ , ପୋଲିସ ଷ୍ଟେସନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କନିଷି
TAHASILDAR
KONISI, GANJAM

ପରିପତ୍ର ସଂଖ୍ୟା:- 5313 / ସୈରାତ ତାରିଖ :- 30 .୧୦.୨୦୨୧

ଏହାର ଏକାକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଙ୍ଗାଇଲୁଣ୍ଡା , ଗଞ୍ଜାମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କନିଷି
TAHASILDAR
KONISI, GANJAM

ପରିପତ୍ର ସଂଖ୍ୟା:- 5314 / ସୈରାତ ତାରିଖ :- 30 .୧୦.୨୦୨୧

ଏହାର ଏକାକିତା ନକଲ ରଙ୍ଗେଇଲୁଣ୍ଡା ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ ବୋର୍ଡ / ତହସିଲ କାର୍ଯ୍ୟାଳୟ, କନିଶି ନୋଟିସ ବୋର୍ଡ ଏବଂ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ନୋଟିସ ବୋର୍ଡରେ /ଉକ୍ତ ଗୁଡିକ ଥିବା ସମ୍ପୃକ୍ତ ଗ୍ରାମରେ ଜନସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କନିଷି
TAHASILDAR
KONISI, GANJAM